रजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡି-221

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

राजभाषा खण्ड
विधायी विभाग
विधायी II अनुभाग
डा० सं० 277/91
तारीख 15/5/90



| | | | | | | |
|---|---|---|---|---|---|---|
| No 1, | NEW DELHI, | TUESDAY, | MAY 8, | 1990/BAISAKH 18, | 1912 (SAKA) | VOL I |
| ସଂ. 1, | ନୂଆଦିଲ୍ଲୀ, | ମଙ୍ଗଳବାର, | ମଇ 8, | 1990/ବୈଶାଖ 18, | 1912 (ଶକ) | ଗ୍ରନ୍ଥଖଣ୍ଡ 1 |



## MINISTRY OF LAW AND JUSTICE

### (Legislative Department)

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ଵିଧି ଓ ନ୍ୟାୟ ମନ୍ତ୍ରାଳୟ

### (ଵିଧାୟୀ ଵିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡେ଼ସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ଓ୍ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡେ଼ସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଛି ମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣ୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡେ଼ସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ହିନ୍ଦୁ ବିଦ୍ୟାଧନ ଅଧିନିୟମ, 1930

## 1930 ର ଅଧିନିୟମ ସଂ 30

### ଏକ ଅବିଭକ୍ତ ହିନ୍ଦୁ ପରିବାରର କୌଣସି ବ୍ୟକ୍ତିଙ୍କର ନିଜର ବିଦ୍ୟା ଦ୍ୱାରା ଅର୍ଜିତ ସଂପତ୍ତିରେ ତାହାଙ୍କ ଅଧିକାର ସମ୍ପର୍କରେ ସଂଦେହ ଦୂର କରିବା ପାଇଁ ଏକ ଅଧିନିୟମ

[25 ଜୁଲାଇ, 1930]

**ଯେହେତୁ** ଏକ ଅବିଭକ୍ତ ହିନ୍ଦୁ ପରିବାରର କୌଣସି ବ୍ୟକ୍ତି ନିଜ ବିଦ୍ୟାଦ୍ୱାରା ଅର୍ଜିତ ସଂପତ୍ତିରେ ତାହାଙ୍କର ଅଧିକାର ସଂପର୍କରେ ସଂଦେହ ଦୂର କରିବା ଓ ଗୋଟିଏ ପ୍ରକାର ନିୟମ ଉପବନ୍ଧ କରିବା ସମୀଚୀନ ଅଟେ; ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା:—

ସଂକ୍ଷିପ୍ତ ନାମ ଓ ବିସ୍ତାର ।

1. (1) ଏହି ଅଧିନିୟମ ହିନ୍ଦୁ ବିଦ୍ୟାଧନ ଅଧିନିୟମ, 1930 ନାମରେ ଅଭିହିତ ହେବ ।

(2) ଜମ୍ମୁ ଏବଂ କାଶ୍ମୀର ରାଜ୍ୟକୁ ଛାଡ଼ି ଏହା ସାରା ଭାରତରେ ବିସ୍ତୃତ ।

ସଂଜ୍ଞା

2. ବିଷୟ ବା ପ୍ରସଂଗରେ କିଛି ବିରୋଧ ନଥିଲେ ଏହି ଅଧିନିୟମରେ—

(କ) "ଅର୍ଜନକାରୀ" ଅର୍ଥ ଏକ ଅବିଭକ୍ତ ହିନ୍ଦୁ ପରିବାରର ବ୍ୟକ୍ତି ଯେକି ବିଦ୍ୟାଧନ ଅର୍ଜନ କରନ୍ତି;

(ଖ) "ବିଦ୍ୟାଧନ" ଅର୍ଥ ବିଦ୍ୟା ଦ୍ୱାରା ସାରତଃ ଅର୍ଜନ କରାଯାଇଥିବା ଏପରି ସମସ୍ତ ସଂପତ୍ତି ଯାହାକି ହୁଏତ ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ବା ପରେ ଅର୍ଜନ କରାଯାଇଥିବ ଏବଂ ଯାହାକି ହୁଏତ ଏଭଳି ବିଦ୍ୟାର ସାଧାରଣ ବା ଅସାଧାରଣ ଫଳ ସ୍ୱରୂପ ହୋଇଥିବ; ଏବଂ

(ଗ) "ବିଦ୍ୟା" ଅର୍ଥ ଏପରି ପ୍ରାଥମିକ, ବୈଷୟିକ, ବୈଜ୍ଞାନିକ, ସ୍ୱତନ୍ତ୍ର ବା ସାଧାରଣ ଶିକ୍ଷା ଏବଂ ଏପରି ସବୁବିଧ ପ୍ରଶିକ୍ଷଣ ଯାହାକି ଜଣେ ବ୍ୟକ୍ତିଙ୍କୁ ଜୀବନରେ ଯେ କୌଣସି ବାଣିଜ୍ୟ, ଶିଳ୍ପ, ବୃତ୍ତି ବା ଧନ୍ଦା କରିବାରେ ସମର୍ଥ କରିବା ପାଇଁ ସାଧାରଣ ଭାବରେ ଉଦ୍ଦିଷ୍ଟ ହୋଇଥିବ ।

ବିଦ୍ୟାଧନ କେବଳ କେତେକ ନିର୍ଦ୍ଦିଷ୍ଟ କାରଣରୁ ଅର୍ଜନକାରୀଙ୍କର ଅଲଗା ସମ୍ପତ୍ତି ନୁହେଁ ବୋଲି ବିବେଚିତ ହେବନାହିଁ ।

**3.** ହିନ୍ଦୁ ବିଧିର କୌଣସି ଲୋକାଚାର, ନିୟମ ବା ବ୍ୟାଖ୍ୟା ସତ୍ତ୍ୱେ, କେବଳ ନିମ୍ନୋକ୍ତ କାରଣ ଯୋଗୁଁ କୌଣସି ବିଦ୍ୟା-ଧନ ଅର୍ଜନକାରୀଙ୍କର ଅନନ୍ୟ ଓ ଅଲଗା ସଂପତ୍ତି ନୁହେଁ ବୋଲି ବିବେଚିତ ହେବ ନାହିଁ, :—

(କ) ସଂପୂର୍ଣ୍ଣ ବା ଆଂଶିକ ଭାବେ, ତାଙ୍କ ପରିବାରର କୌଣସି ଜୀବିତ ବା ମୃତ ବ୍ୟକ୍ତିଙ୍କ ଦ୍ୱାରା ବା ତାଙ୍କ ପରିବାରର ସଂଯୁକ୍ତ ପାଣ୍ଠିରୁ ସାହାଯ୍ୟ ଫଳରେ ବା ତହିଁର କୌଣସି ବ୍ୟକ୍ତିଙ୍କର ପାଂଠିରୁ ସାହାଯ୍ୟ ଫଳରେ ତାହାଙ୍କ ବିଦ୍ୟା ଅର୍ଜନ ହୋଇଅଛି; ବା

(ଖ) ସେ ନିଜେ ବା ତାଙ୍କର ପରିବାର, ସେ ବିଦ୍ୟା ଅର୍ଜନ କରୁଥିବା ସମୟରେ ସଂପୂର୍ଣ୍ଣ ବା ଆଂଶିକ ଭାବରେ ତାଙ୍କ ପରିବାରର ସଂଯୁକ୍ତ ପାଣ୍ଠିରୁ ବା ତହିଁର କୌଣସି ବ୍ୟକ୍ତିଙ୍କର ପାଣ୍ଠିରୁ ପ୍ରତିପାଳିତ ହେଉଥିଲେ ବା ସାହାଯ୍ୟ ପାଉଥିଲେ ।

ବ୍ୟାବୃତ୍ତି

**4.** ଏହି ଅଧିନିୟମ, କୌଣସି ଭାବରେ—

(କ) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଯେଉଁ ସଂପତ୍ତି ଅନ୍ତରଣ କରାଯାଇଥିବ ବା ପ୍ରଭାବୀ କରାଯାଇଥିବ ତାହାର ନିବଂଧନ ବା ଆନୁଷଂଗିକ ବିଷୟ,

(ଖ) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ସହନ କରାଯାଇଥିବା ବା କରାଯାଇଥିବା କୌଣସି ବିଷୟରେ ବିଧିମାନ୍ୟତା, ଅବିଧିମାନ୍ୟତା, ପ୍ରଭାବ ବା ପରିଣାମ,

(ଗ) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ କରାଯାଇଥିବା ଅବିଭକ୍ତ ପରିବାରର ସଂପତ୍ତିର ବିଭଜନ ଅନୁଯାୟୀ ବା ବିଭଜନ ପାଇଁ ହୋଇଥିବା କୌଣସି ଚୁକ୍ତିନାମା ଅନୁଯାୟୀ ସୃଷ୍ଟି ହୋଇଥିବା କୌଣସି ଅଧିକାର ବା ଦାୟିତ୍ୱ, ବା

(ଘ) ଏଭଳି ଅଧିକାର ବା ଦାୟିତ୍ୱ ସଂପର୍କିତ କୌଣସି ପ୍ରତିକାର ବା କାର୍ଯ୍ୟବିଧିକୁ ପ୍ରଭାବିତ କରୁଛି ବୋଲି ବା ଏହି ଅଧିନିୟମର ପ୍ରାରମ୍ଭ ବେଳକୁ ପଡ଼ି ରହିଥିବା କୌଣସି କାର୍ଯ୍ୟବିଧିରେ ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ କରାଯାଇଥିବା କୌଣସି ବିଷୟକୁ ଅବିଧିମାନ୍ୟ କରୁଛି ବା ତାହାକୁ ପ୍ରଭାବିତ କରୁଛି ବୋଲି ବିବେଚିତ ହେବ ନାହିଁ; ଏବଂ ସେଥିରେ ଉଲ୍ଲିଖିତ ପ୍ରକାରେ କୌଣସି ପ୍ରତିକାର ଓ କାର୍ଯ୍ୟବିଧି ଯଥାସ୍ଥିତି ପ୍ରବର୍ତ୍ତିତ ହୋଇପାରିବ, ଆଗତ କରାଯାଇ ପାରିବ ବା ଜାରି ରଖାଯାଇ ପାରିବ, ଯେପରିକି ଏହି ଅଧିନିୟମ ପାରିତ ହୋଇନାହିଁ ।

———